ପ୍ରମେୟ
THE PRAMEYA
BHUBANESWAR 20-02-2018

# ମାର୍ଚ୍ଚରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧୯।୨(ବ୍ୟୁରୋ): ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଆସନ୍ତା ମାର୍ଚ୍ଚ ୧୮ ତାରିଖରେ ଓଡ଼ିଶା ଗସ୍ତରେ ଆସି ଏମ୍ସ ଓ ଆଇଆଇଟି ସମାବର୍ତ୍ତନ ସମାରୋହରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ହେବ।



ରାଷ୍ଟ୍ରପତି ଆଇଆଇଟି ଭୁବନେଶ୍ୱର ଓ ଏମ୍ସ ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବରେ ▶ ପୃଷ୍ଠା-୯

## ମାର୍ଚ୍ଚରେ ଓଡ଼ିଶା...

ସାମିଲ ହୋଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବେ। ରାଷ୍ଟ୍ରପତିଙ୍କ ଅଫିସ ମଧ୍ୟ ଦୁଇ ଅନୁଷ୍ଠାନର ବରିଷ୍ଠ ଅଧିକାରୀଙ୍କ ସହ ଏ ନେଇ ଟେଲିଫୋନ୍‌ରେ ଆଲୋଚନା କରି ସାରିଛନ୍ତି। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଏସ୍ ସି ଜମିର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଦୁଇ କାର୍ଯ୍ୟକ୍ରମରେ ସାମିଲ ହେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ପୂର୍ବାହ୍ନରେ ଆଇଆଇଟିର ଅରୁଗୁଳ କ୍ୟାମ୍ପସକୁ ଯିବେ।

ସେଠାରେ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରିବା ସହ ଉଦ୍‌ବୋଧନ ଦେବେ। ଏହା ପରେ ଅପରାହ୍ନ ୩ଟାରେ ରାଷ୍ଟ୍ରପତି ଏମ୍ସର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବେ। ବେଷ୍ଟ ଗ୍ରାଜୁଏଟ ଏମ୍‌ବିବିଏସ୍, ବେଷ୍ଟ ଗ୍ରାଜୁଏଟ ନର୍ସିଂ, ବିଭିନ୍ନ ବିଷୟର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଗୋଲ୍ଡ ମେଡାଲ, ୫୦ ଏମ୍‌ବିବିଏସ୍ ଏବଂ ୫୯ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରିବେ। ସେହି ଦିନ ସନ୍ଧ୍ୟାରେ ରାଷ୍ଟ୍ରପତି ପୁଣି ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।